ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK
ଓଁ ତମସୋ ମା ଜ୍ୟୋତିର୍ଗମୟ



ଆଇଟିଇଆର୍ ବାର୍ଷିକୋତ୍ସବ ଜେନେସିସ୍-୧୦କୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି

# ଆଇ.ଟି.ଇ.ଆର ର ବାର୍ଷିକ ଉତ୍ସବ ଜେନେସିସ୍ -୧୦ ଉଦ୍‌ଘାଟିତ

## ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି

ଭୁବନେଶ୍ୱର(ପି.ଏନ): ପୂର୍ବ ଭାରତ ଅଗ୍ରଣୀ ବୈଷୟିକ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଇ.ଟି.ଇ.ଆର କଲେଜର ବାର୍ଷିକ ଉତ୍ସବ ଜେନେସିସ୍ -୧୦ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଜାଗମରାସ୍ଥିତ ନିଜସ୍ୱ କ୍ୟାମ୍ପସ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀ ମନୋଭାବ ହିଁ ସଫଳତାର ଚାବିକାଠି ବୋଲି ଉପସ୍ଥିତ ଅତିଥିମାନେ ମତ ବ୍ୟକ୍ତ କରିଥିଲେ । କଲେଜର ଡିନ୍ ପ୍ରଫେସର କେ.କେ ମିଶ୍ରଙ୍କ ର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ମାନିତ ଅତିଥି ତଥା ତ୍ରିପ୍ରୋର ଅର୍ନ୍ତଜାତୀୟ ମାନବ ସମ୍ବଳ ମୁଖ୍ୟ ଶ୍ରୀ କାନନ ରାମୟା ପ୍ରଦିପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଡିନ୍ ପ୍ରଫେସର ମିଶ୍ର ସଂକ୍ଷିପ୍ତରେ ଅନୁଷ୍ଠାନର ସଫଳତା ବିଷୟରେ ସମ୍ୟକ ଧାରଣା ସହିତ ଅତିଥିମାନଙ୍କର ପରିଚୟ ତଥା ସ୍ୱାଗତ ଭାଷଣ ପରିବେଷଣ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ବିଭାଗର ଡିନ୍ ପ୍ରଫେସର ଏସ୍.ସି ମିଶ୍ର ଭବିଷ୍ୟତରେ ନିଜର ବ୍ୟସ୍ତବହୁଳ କାର୍ଯ୍ୟ ମଧ୍ୟରୁ କିଛି ସମୟ ଉଚ୍ଚତର ଶିକ୍ଷା ତଥା ଗବେଷଣାରେ ବିନିଯୋଗ କରିବା ପାଇଁ ଉପସ୍ଥିତ ଥିବା ଛାତ୍ର ଛାତ୍ରୀମାନଙ୍କୁ ସେ ଉପଦେଶ ଦେଇଥିଲେ । ଭବିଷ୍ୟତରେ ପ୍ରତ୍ୟେକ ଛାତ୍ର କିପରି ଜଣେ ଜଣେ ସୁନାଗରିକ ହେବେ ସେ ଦିଗ ପ୍ରତି ଧ୍ୟାନ ଦେବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ଅନ୍ୟତମ ସମ୍ମାନିତ ଅତିଥି ତଥା ତ୍ରିପ୍ରୋର ଅର୍ନ୍ତଜାତୀୟ ମାନବ ସମ୍ବଳ ମୁଖ୍ୟ ଶ୍ରୀ କାନନ ରାମାୟା ତାଙ୍କର ଅଭିଭାଷଣରେ ପିଲାମାନଙ୍କୁ ଧୈର୍ଯ୍ୟଶୀଳ ହେବା ପାଇଁ କହିବା ସହିତ ଆମ ପିଲାମାନଙ୍କ ପାଖରେ ଯେ କୌଣସି ନୂତନ କାର୍ଯ୍ୟ ପାଇଁ ପ୍ରବଳ ଇଚ୍ଛାଶକ୍ତି ଏବଂ କ୍ଷମତା ଭରପୁର ଥିବାର ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଆମ ଦେଶର ପିଲାମାନେ ଅନ୍ୟ ଦେଶର ପିଲାମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି ଉପସ୍ଥିତ ଥିବା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦେଇଥିଲେ । ଓଡ଼ିଶାରେ ବହୁତ ମେଧାବୀ ଛାତ୍ର ଛାତ୍ରୀ ଅଛନ୍ତି ଯେଉଁମାନଙ୍କ ର ପାଖରେ ଅସୀମ ଧୈର୍ଯ୍ୟ ଏବଂ ଯଥେଷ୍ଟ ପ୍ରତିଭା ରହିଛି । ଏହାହିଁ କୌଣସି ଏକ ଛାତ୍ର କୁ ତାର ଭବିଷ୍ୟତରେ ସଫଳତା ଆଣିବାପାଇଁ ସହଯୋଗ କରିଥାଏ । ୨୩ ତାରିଖରୁ ଆରମ୍ଭ ହୋଇଥିବା ଟେକ୍ ଫେଷ୍ଟ 'ଚକ୍ରବ୍ୟୁହ' ର ବିଭିନ୍ନ ପ୍ରତିଯୋଗିତାରେ ଉତିର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ବିଭିନ୍ନ ମହାବିଦ୍ୟାଳୟର ପ୍ରାୟ ୯୪୦ ଜଣ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଡିନ୍ ପ୍ରଫେସର ମିଶ୍ର ସମ୍ମାନିତ ଅତିଥି କାନ୍ନନ ରାମାୟାଙ୍କୁ ମେମେଣ୍ଟୋ ପ୍ରଦାନ କରିଥିଲେ । ଶେଷରେ ଅନୁଷ୍ଠାନ ର ଅତିରିକ୍ତ ଡିନ୍ ପ୍ରଫେସର ଆର.କେ .ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ନିର୍ଦ୍ଦେଶକ ଡ଼ଃ ମାନସ ମଲ୍ଲିକ ,ପ୍ରଫେସର ବି.କେ ସରାପ ,ବିଭିନ୍ନ ବିଭାଗର ମୁଖ୍ୟ ଅଧ୍ୟାପକ ଅଧ୍ୟାପିକା , ଛାତ୍ର ଛାତ୍ରୀ ତଥା କର୍ମଚାରୀମାନେ ଉପସ୍ଥିତ ରହି ଉପଭୋଗ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମନୋଜରଞ୍ଜନ ନାୟକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।ର ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୬ ତାରିଖରେ ସଂଧ୍ୟାରେ ହେବାକୁ ଉଦ୍‌ଯାପନୀ ଦିବସରେ ସା-ରେ-ଗା-ମା-ପା-ର ସୁନାମଧନ୍ୟ ଗାୟକ ଭିନିତ୍ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।